**ଭାରତ ଇତିହାସରେ ପ୍ରଥମ ■ ଲକ୍ଷ୍ମଣରେଖା ଡେଇଁଲେ, ପ୍ରଧାନ ବିଚାରପତିଙ୍କୁ ଟାର୍ଗେଟ କଲେ ■ ଆଇନ ବିଶେଷଜ୍ଞଙ୍କ ନିନ୍ଦା ■ ହସ୍ତକ୍ଷେପକୁ ସରକାରଙ୍କ ନା**

# ୪ ସୁପ୍ରିମ୍‌କୋର୍ଟ ବିଚାରପତିଙ୍କ ବିଦ୍ରୋହ

**ନୂଆଦିଲ୍ଲୀ, ୧୨।୧/ଏଜେନ୍ସି: ଭାରତ ଇତିହାସରେ ପ୍ରଥମଥର ପାଇଁ ସୁପ୍ରିମ୍‌କୋର୍ଟର ୪ଜଣ ବରିଷ୍ଠ ବିଚାରପତି ଆଜି ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ଖୋଲାଖୋଲି ବିଦ୍ରୋହ ଘୋଷଣା କରିବା ସଙ୍ଗେ ସଙ୍ଗେ ତାଙ୍କ ନାମରେ ଗୁରୁତର ଅଭିଯୋଗ ଆଣି ସେ ନେଇଥିବା ନିଷ୍ପତ୍ତି ଦ୍ୱାରା ଭାରତର ଗଣତନ୍ତ୍ର ନଷ୍ଟ ହୋଇଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଅଭାବନୀୟ ଘଟଣା ସାରା ଦେଶକୁ ସ୍ତବ୍ଧ କରି ଦେଇଛି। ବହୁ ବରିଷ୍ଠ ଆଇନଜୀବୀ ଓ ପୂର୍ବତନ ବିଚାରପତି ୪ ଜଣ କାର୍ଯ୍ୟରତ ବିଚାରପତିଙ୍କ ଏଭଳି ପଦକ୍ଷେପର କଡ଼ା ନିନ୍ଦା କରିଛନ୍ତି। ଏପରି କି ପୂର୍ବତନ ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ୍ ଆର୍‌ଏସ୍ ସୋଢ଼ି ଏହି ୪ ଜଣ ବିଚାରପତିଙ୍କୁ ବରଖାସ୍ତ କରାଯିବା ଉଚିତ ବୋଲି ମତ ଦେଇଛନ୍ତି। ସେହିପରି ଜଷ୍ଟିସ୍ ସନ୍ତୋଷ ହେଗ୍‌ଡେ ଓ ସୋଲି ସୋରାବ୍‌ଜୀ ଏହି ଘଟଣା ନିନ୍ଦନୀୟ ଓ ପିଲାଳିଆମି ବୋଲି କହିଛନ୍ତି।**



*ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର*


▶ ଅଧିକ -୫

*ସାମ୍ବାଦିକ ସମ୍ମିଳନୀରେ (ବାମରୁ) ଜଷ୍ଟିସ୍ କୁରିଏନ୍ ଜୋସେଫ୍, ଜଷ୍ଟିସ୍ ଚେଲମେଶ୍ୱର, ଜଷ୍ଟିସ୍ ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏମ୍‌ବି ଲୋକୁର୍*

ସୁପ୍ରିମ୍‌କୋର୍ଟର ଗରିମା ଓ ପ୍ରତିଷ୍ଠାକୁ ଆଜି ଏକ ବଡ଼ ଧକ୍କାର ସମ୍ମୁଖୀନ ହେବାକୁ ପଡ଼ିଛି। ଲକ୍ଷ୍ମଣରେଖା ଡେଇଁ ପ୍ରଧାନ ବିଚାରପତିଙ୍କ ପରେ ସୁପ୍ରିମ୍‌କୋର୍ଟର ଦ୍ୱିତୀୟ ବରିଷ୍ଠ ବିଚାରପତି ଜଷ୍ଟିସ୍ ଜେ ଚେଲମେଶ୍ୱରଙ୍କ ସମେତ ୪ ଜଣ ବିଚାରପତି ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ଯେଉଁସବୁ ଅଭିଯୋଗ ଆଣିଛନ୍ତି, ତଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବା ଦ୍ୱନ୍ଦ୍ୱ ଓ ମତଭେଦକୁ ପଦାରେ ପକାଇଦେଇଛି ଏବଂ ତାହା କିଭଳି ସମାଧାନ ହେବ ସେଥିନେଇ ସବୁ ମହଲରେ ଉତ୍କଣ୍ଠା ଓ ଅନିଶ୍ଚିତତା ପ୍ରକାଶ ପାଇଛି। ଜଷ୍ଟିସ୍ ଚେଲମେଶ୍ୱର ନିଜେ ଏହାକୁ 'ଅଭୂତପୂର୍ବ ଘଟଣା' ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ସୁପ୍ରିମ୍‌କୋର୍ଟରେ ଗତ କିଛି ମାସ ହେଲା ପ୍ରଶାସନିକ ଶୃଙ୍ଖଳା ରହୁନାହିଁ। ଅନେକ ଅବାଞ୍ଛିତ ଘଟଣା ଘଟିଗଲାଣି। ଯଦି ଏହି ଅନୁଷ୍ଠାନକୁ ଏଭଳି ସ୍ଥିତିରୁ ରକ୍ଷା କରା ନଯାଏ, ତାହାହେଲେ ଦେଶରେ ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ। ୪ ବିଚାରପତିଙ୍କ ଏଭଳି ବିଦ୍ରୋହାତ୍ମକ ଆଚରଣ କ୍ଷେତ୍ରରେ ସରକାର କୌଣସି ପ୍ରକାର ହସ୍ତକ୍ଷେପ କରିବେ ନାହିଁ ବୋଲି ଆଟର୍ଣ୍ଣି ଜେନେରାଲ୍ କେକେ ଭେନୁଗୋପାଲ୍ କହିଛନ୍ତି।

ଆଜି ସକାଳେ ଜଷ୍ଟିସ୍ ଚେଲମେଶ୍ୱରଙ୍କ ସମେତ ଜଷ୍ଟିସ୍ ରଞ୍ଜନ ଗୋଗୋଇ, ଏମ୍.ବି ଲୋକୁର୍, କୁରିଏନ୍ ଜୋସେଫ୍ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କୁ ଭେଟି ସର୍ବୋଚ୍ଚ ଅଦାଲତର ମର୍ଯ୍ୟାଦା ଓ ବିଶ୍ୱସନୀୟତା ନଷ୍ଟ କରୁଥିବା ପ୍ରସଙ୍ଗ ଗୁଡ଼ିକ ଉପରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ସେମାନେ ୨ ମାସ ତଳେ ଏ ସଂକ୍ରାନ୍ତରେ ଏକ ପତ୍ର ପ୍ରଧାନ ବିଚାରପତିଙ୍କୁ ମଧ୍ୟ ଦେଇଥିଲେ। ଆଜି ପ୍ରଧାନ ବିଚାରପତିଙ୍କୁ ଭେଟି ସାରିବା ପରେ ଏହି ୪ଜଣ ବରିଷ୍ଠ ବିଚାରପତି ଜଷ୍ଟିସ୍ ଚେଲମେଶ୍ୱରଙ୍କ ବାସଭବନ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ। ଏଥିରେ ଜଷ୍ଟିସ୍ ଚେଲମେଶ୍ୱର କହିଥିଲେ, ଏଭଳି ସାମ୍ବାଦିକ ସମ୍ମିଳନୀ ଡାକିବା ସେମାନଙ୍କୁ କଷ୍ଟ ଦେଇଛି ସତ, କିନ୍ତୁ ଏହି ପବିତ୍ର ଅନୁଷ୍ଠାନକୁ ରକ୍ଷା କରିବାକୁ ପଡ଼ିବ। ନଚେତ୍ ଦେଶରେ ଗଣତନ୍ତ୍ର ତିଷ୍ଠିପାରିବ ନାହିଁ। ସେ ଆହୁରି କହିଲେ, ଆମେ ୪ ଜଣ ବିଚାରପତି ପ୍ରଧାନ ବିଚାରପତିଙ୍କୁ ବୁଝାଇବାକୁ ଚେଷ୍ଟା କରିଛୁ ଯେ, ନ୍ୟାୟାଳୟରେ ସବୁକିଛି ଠିକ୍‌ଠାକ୍ ଚାଲୁନାହିଁ। ତେଣୁ ଆପଣ ଏହାର ପ୍ରତିକାର କରନ୍ତୁ। କିନ୍ତୁ ଆମର ଉଦ୍ୟମ ବିଫଳ ହେଲା। ଆମେ ୪ ଜଣ ଉପଲବ୍ଧି କଲୁ ଯେ ନିକଟ ଅତୀତରେ ଏଭଳି ଅନେକ କିଛି ଘଟିଯାଇଛି, ଯେଉଁ କାରଣରୁ ଗଣତନ୍ତ୍ର ▶▶ ୭